## ଗୋ-ସଂପଦ ବିକାଶରେ ଗୋମିତ୍ରମାନଙ୍କ ଭୂମିକା

ଗୋ-ମିତ୍ରର ଅନ୍ୟନାମ ହେଉଛି ପ୍ରାଇଭେଟ କୃତ୍ରିମ ପ୍ରଜନନକାରୀ । ଜାତୀୟ ଗୋପ୍ରଜନନ ଯୋଜନାରେ ଆମ ପଡ଼ୋଶୀ ରାଜ୍ୟ ଯଥା - ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମ ବଙ୍ଗରେ କୃତ୍ରିମ ପ୍ରଜନନ ବୃଦ୍ଧି ସହିତ ରାଜ୍ୟରେ ଗୋ-ସଂପଦ ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଗୋ-ମିତ୍ରମାନଙ୍କର ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ଆମ ରାଜ୍ୟରେ ଜାତୀୟ ଗୋ-ପ୍ରଜନନ ଯୋଜନା ୨୦୦୦-୦୧ ମସିହାରେ କାର୍ଯ୍ୟକାରୀ ହେବା ପରେ ୨୦୦୨-୦୩ ବର୍ଷରେ ବେକାର ଯୁବକ ଯୁବତୀଙ୍କ ଆତ୍ମନିଯୁକ୍ତି ସହିତ କୃତ୍ରିମ ପ୍ରଜନନର ପରିସର ଏବଂ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର ଗୋ-ମିତ୍ର ପଦବୀ ସୃଷ୍ଟି କରିଛନ୍ତି । ଯେଉଁ ଦୁର୍ଗମ ଅଞ୍ଚଳ ତଥା ଗ୍ରାମପଞ୍ଚାୟତରେ ୩ କି.ମି. ଦୂର ମଧ୍ୟରେ କୃତ୍ରିମ ପ୍ରଜନନ କେନ୍ଦ୍ର ଅଦ୍ୟାବଧି ସ୍ଥାପନ କରାଯାଇ ନାହିଁ (ସରକାରୀ କିମ୍ବା ଓମ୍‌ଫେଡ୍ ସ୍ତରରେ) ସେହି ଗ୍ରାମପଞ୍ଚାୟତର ବେକାର ଯୁବକଯୁବତୀଙ୍କ ଆତ୍ମନିଯୁକ୍ତି ନିମନ୍ତେ ପ୍ରତି ବ୍ଲକରେ ୨ଜଣ ଗୋମିତ୍ର ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି । ଏହି ଯୋଜନାରେ ମନୋନୀତ ଗୋମିତ୍ରମାନଙ୍କୁ କୃତ୍ରିମ ପ୍ରଜନନ ସମ୍ବନ୍ଧୀୟ ଆବଶ୍ୟକୀୟ ଜ୍ଞାନକୌଶଳ, ପ୍ରାଥମିକ ଚିକିତ୍ସା ଓ ଅନ୍ୟାନ୍ୟ ବିଷୟ ଉପରେ ୪ ମାସ ତାଲିମ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ଆମ ରାଜ୍ୟରେ ଥିବା ବିଭିନ୍ନ ତାଲିମ ପ୍ରତିଷ୍ଠାନରେ ୩ ମାସ ଏବଂ ନିକଟସ୍ଥ ବ୍ଲକ ପଶୁ ଚିକିତ୍ସାଳୟରେ ୧ ମାସ ତାଲିମ ପ୍ରଦାନ କରାଯାଉଛି । ଏହି ତାଲିମପ୍ରାପ୍ତ ପ୍ରତ୍ୟେକ ଗୋମିତ୍ର ୧୫୦୦ ପ୍ରଜନନକ୍ଷମ ଗୋ-ମହିଷାଦି ଥିବା ଗ୍ରାମପଞ୍ଚାୟତରେ କାର୍ଯ୍ୟ କରିବେ । ଗ୍ରାମାଞ୍ଚଳରେ ଗୋମିତ୍ରମାନେ ସେମାନଙ୍କ ଅଂଚଳରେ ସି.ଡି.ଭି.ଓ., ଏସ୍.ଡି.ଭି.ଓ., ସ୍ଥାନୀୟ ପଶୁ ଚିକିତ୍ସକ ଓ ପଶୁଧନ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଗୋସଂପଦର ବିକାଶ ପାଇଁ ନିମ୍ନମତେ ସେବା ଯୋଗାଇ ଦେବେ ।

୧. ଦ୍ୱାର ଦେଶରେ କୃତ୍ରିମ ପ୍ରଜନନ ।
୨. ପଶୁଙ୍କର ପ୍ରାଥମିକ ଚିକିତ୍ସା ପ୍ରଦାନ ।
୩. ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ପ୍ରଦାନ ।
୪. ସବୁଜ ଘାସ ଚାଷର ବିକାଶ ।
୫. ପଶୁ ସଂପଦ ବିକାଶ ପାଇଁ ସଂପ୍ରସାରଣ କାର୍ଯ୍ୟ ସଂପାଦନ ।
୬. ଗୋ-ବନ୍ଧ୍ୟା ନିରାକରଣ ଶିବିର ପରିଚାଳନା ।

ଗୋ-ମିତ୍ରମାନେ ଉପରୋକ୍ତ କାର୍ଯ୍ୟ କଳାପର ସମସ୍ତ ବିବରଣୀ ପଶୁ ଚିକିତ୍ସକଙ୍କ ପରାମର୍ଶ କ୍ରମେ ରେଜିଷ୍ଟରରେ ଲିପିବଦ୍ଧ କରିବେ ଏବଂ ବ୍ୟବହାରିକ ମୂଲ୍ୟ ଦାଖଲ ସମୟରେ ସ୍ଥାନୀୟ ପଶୁ ଚିକିତ୍ସକଙ୍କଠାରେ ମାସିକ ରିପୋର୍ଟ ଦାଖଲ କରିବେ ।

## ରାଜ୍ୟରେ ଦୈନିକ ୧୦୦ ଲକ୍ଷ ଅଣ୍ଡା ଉତ୍ପାଦନ ପାଇଁ ଯୋଜନା

ଆମ ରାଜ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା, କୁକୁଡ଼ା ଅଣ୍ଡା ଓ ମାଂସର ଚାହିଦାକୁ ଆଖି ଆଗରେ ରଖି ଆଗାମୀ ୫ ବର୍ଷରେ କିପରି ଦିନକୁ ୧୦୦ ଲକ୍ଷ ଅଣ୍ଡା ଉତ୍ପାଦିତ ହୋଇ ପାରିବ ସେଥିପାଇଁ ରାଜ୍ୟ ସରକାର ଏକ ଉଚ୍ଚ କ୍ଷମତା ସଂପନ୍ନକମିଟି ଗଠନ କରିଛନ୍ତି । ଏହି କମିଟିର ଅଧ୍ୟକ୍ଷ ଭାବେ କୃଷି ଉତ୍ପାଦନ କମିଶନର ନିଯୁକ୍ତି ଥିବା ବେଳେ ଅର୍ଥ ସଚିବ, କୃଷି ସଚିବ, ମତ୍ସ୍ୟ ଓ ପଶୁ ସଂପଦ ବିକାଶ ସଚିବ, ସ୍ୱତନ୍ତ୍ର ଯୋଜନା ତଥା ଅତିରିକ୍ତ ସଚିବ, ପଞ୍ଚାୟତରାଜ, ସଭାପତି - ରାଜ୍ୟ ପ୍ରଦୂଷଣ ବୋର୍ଡ, ପରିଚାଳନା ନିର୍ଦ୍ଦେଶକ, ଆପିକଲ, ପରିଚାଳନା ନିର୍ଦ୍ଦେଶକ - ହରିଜନ ଓ ଆଦିବାସୀ ଉନ୍ନୟନ ନିଗମ, ଆଞ୍ଚଳିକ ନିର୍ଦ୍ଦେଶକ - ଜାତୀୟ ସମବାୟ ନିଗମ, ସାଧାରଣ ପରିଚାଳକ-ନାବାର୍ଡ, କାର୍ଯ୍ୟ ସଂଯୋଜକ-ଇଷ୍ଟୋ, ନିର୍ଦ୍ଦେଶକ-କେନ୍ଦ୍ରୀୟ କୁକୁଟ ଉନ୍ନୟନ ସଂସ୍ଥା, ସଭାପତି-ଜାତୀୟ ଅଣ୍ଡା ସମନ୍ୱୟ କମିଟି, ପରିଚାଳକ-ସୁଗୁଣା ଫାର୍ମ, ଉପସାଧାରଣ ପରିଚାଳକ-ଇଷ୍ଟର୍ଣ୍ଣ ହ୍ୟାଚେରୀ ପ୍ରାଇଭେଟ୍ ଲିଃ ଏବଂ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ସଭ୍ୟ ଅଛନ୍ତି । ଉକ୍ତ କମିଟିର ଗତ ୩ ମାସ ମଧ୍ୟରେ ୨ଥର ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

## କୁକୁଡ଼ା ଚାଷ ପାଇଁ ବିଶେଷ ଆକର୍ଷଣ

ଆମ ରାଜ୍ୟରେ କୁକୁଡ଼ା ଚାଷରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର କୁକୁଡ଼ା ଅଣ୍ଡା, ମାଂସ, କୁକୁଡ଼ା ଖାଦ୍ୟ ଓ ଉପକରଣ ଉପରୁ ବର୍ତ୍ତମାନ ପ୍ରଚଳିତ ଭ୍ୟାଟ୍ ବ୍ୟବସ୍ଥା ଉଚ୍ଛେଦ କରିଛନ୍ତି । ଏଥିସହିତ ସରକାରଙ୍କ ପତ୍ର ସଂଖ୍ୟା ୧୨୮୫୫ ତା ୧୮।୮।୦୫ରିଖ ଅନୁସାରେ ରାଜ୍ୟ ସରକାର କୁକୁଡ଼ା ଚାଷକୁ କୃଷିର ମାନ୍ୟତା ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ବର୍ତ୍ତମାନ କୁକୁଡ଼ା ଅଣ୍ଡା ଓ ମାଂସ ପାଇଁ ପ୍ରବେଶ କର ଲାଗୁ ନ କରିବାକୁ ସରକାରଙ୍କ ବିଚାରାଧିନ ରହିଛି ।

## ଓଡ଼ିଶାରେ ବାର୍ଡ-ଫ୍ଲୁ ରୋଗର ଆତଙ୍କ ଓ ଏହାର ସତର୍କତା ଅବଲମ୍ବନ

ବାର୍ଡ ଫ୍ଲୁ ରୋଗ ଏକ ବିଖଣ୍ଡିତ ଆର୍.ଏନ୍.ଏ. ରୂପକ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ଏଚ୍-୫, ଏନ୍-୧ ଜୀବାଣୁ ଯୋଗୁ ହୋଇଥାଏ ଏବଂ ଏହା କୁକୁଡ଼ା ବତକ ଓ ଟର୍କିଙ୍କ ଠାରେ ଦେଖାଦେଇ ବହୁତ କ୍ଷତି ଘଟାଏ । ଏହି ଜୀବାଣୁ ଅର୍ଥୋମିକ୍ସୋ ଜୀବାଣୁ ପରିବାରର ଅନ୍ତର୍ଭୁକ୍ତ । ଉକ୍ତ ଜୀବାଣୁ କୁକୁଡ଼ା ବା ଆଗନ୍ତୁକ ପକ୍ଷୀ ମାଧ୍ୟମରେ ମନୁଷ୍ୟ, ଘୁଷୁରୀ ଓ ଘୋଡ଼ା ଆଦି ପ୍ରାଣୀଙ୍କ ଠାରେ ଇନ୍‌ଫ୍ଲୁଏଞ୍ଜା ରୋଗ ସୃଷ୍ଟିକରି ମୃତ୍ୟୁର କାରଣ ହୋଇଥାଏ । ଏସିଆ ଓ ୟୁରୋପ ଭଳି ମହାଦେଶର ବିଦେଶୀ ଆଗନ୍ତୁକ ପକ୍ଷୀ ଶୀତଦିନେ ଚିଲିକା ହ୍ରଦକୁ ଆସିବା ଦ୍ୱାରା ଆମ ରାଜ୍ୟରେ ବାର୍ଡ-ଫ୍ଲୁର ଆତଙ୍କକୁ ଏଡ଼ାଇ ଦିଆଯାଇ ନପାରେ । ଏମାନଙ୍କ ପାଟିରୁ ନର୍ଗତ ଲାଳ, ମଳ, ପକ୍ଷ ଓ ସଂକ୍ରମିତ ପକ୍ଷୀଦ୍ୱାରା ଜଳ, ମାଟି, ବାୟୁ, ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଯାଏ ।

କୁକୁଡ଼ାଙ୍କଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ । ଆଖିରୁ ପାଣି ଝରେ । ନାକରୁ ପତଳା ସିଂଘାଣୀ ବାହାରିବା ସହିତ ଛିଙ୍କହୁଏ । କୁକୁଡ଼ାଙ୍କ ଚୂଳ ଶ୍ୱେତା ବା ନୀଳ ପଡ଼ିଲା ଭଳି ଦେଖାଯାଏ । ବେଳେ ବେଳେ ଝାଡ଼ା ହୁଏ । ଅଣ୍ଡା ଉତ୍ପାଦନ କମିଯାଏ । ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ ପକ୍ଷୀ ମୃତ୍ୟୁବରଣ କରନ୍ତି । ଏହି ରୋଗରେ ପକ୍ଷୀଙ୍କ ସର୍ବାଧିକ ମୃତ୍ୟୁ ହାର ଶତକଡ଼ା ୯୯ ପର୍ଯ୍ୟନ୍ତ ବୃଦ୍ଧି ଘଟିଥାଏ । ଏହି ରୋଗ ପକ୍ଷୀ ମାଧ୍ୟମରେ ହିଁ ମନୁଷ୍ୟଙ୍କୁ ବ୍ୟାପିଥାଏ । ମନୁଷ୍ୟଙ୍କଠାରେ ଜ୍ୱର, କାଶ, ତଣ୍ଟିଦରଜ, ଘୋଳାବିନ୍ଧା ଆଖି ସଂକ୍ରମଣ, ନିମୋନିଆ ଓ ଶ୍ୱାସନଳୀ ଜନିତ ଲକ୍ଷଣ ପ୍ରକାଶ ପାଇଥାଏ ।

ଆମ ରାଜ୍ୟର ଲୋକମାନେ କୁକୁଡ଼ା ମାଂସ ସିଝାଇ ଖାଉବାର ଅଭ୍ୟାସ ଯୋଗଁ ଏହି ରୋଗ ମନୁଷ୍ୟଙ୍କ ଠାରେ ଦେଖାଯିବାର ପ୍ରାୟ ସମ୍ଭାବନା ନାହିଁ । କାରଣ ସାମନ୍ୟ ଉଷୁମ ପାଣିରେ ଏହି ଜୀବାଣୁ ସହଜରେ ମରିଯାଆନ୍ତି । ଏହି ରୋଗର ସମ୍ଭାବନାକୁ ଏଡ଼ାଇବା ପାଇଁ ବିଦେଶୀ ପକ୍ଷୀଙ୍କ ଆଗମନ ବାରଣ ସହିତ ସେମାନେ ରହୁଥିବା ସ୍ଥାନ, ଜଳାଶୟ ଜଳକୁ ବ୍ୟବହାର କରିବା ଅନୁଚିତ ।

ଏଥିସହିତ କୁକୁଡ଼ାଙ୍କ ଠାରେ ଏହି ରୋଗ ନ ହେବାକୁ କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ପରିଷ୍କାର ପରିଚ୍ଛନ୍ନ ଘର, ବାହ୍ୟ ଜୀବ ବା ପକ୍ଷୀ, ଯାନବାହନ ବା ମନୁଷ୍ୟଙ୍କ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ, ପରିଷ୍କାର ପାନୀୟ ଜଳ ଯୋଗାଣ, ଠିକ୍ ସମୟରେ ପ୍ରତିଷେଧକ ଟୀକା ପ୍ରଦାନ, ମୃତ ପକ୍ଷୀଙ୍କୁ ବାହାରେ ନ ଫିଙ୍ଗି ପୋଡ଼ିଦେବା ବା ପୋତିଦେବା ଇତ୍ୟାଦି ପଦକ୍ଷେପ ଗ୍ରହଣ କଲେ ଏହି ରୋଗର ପ୍ରଭାବକୁ ଆମ ରାଜ୍ୟରେ ସହଜରେ ଏଡ଼ାଇ ଦିଆଯାଇ ପାରିବା ସହ କୁକୁଡ଼ା ଚାଷର ବିକାଶ ସାଧିତ ହୋଇ ପାରିବ ।

## ପ୍ରତିକାର ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ଶ୍ରେୟସ୍କର

ଶୀତଦିନ ପ୍ରାରମ୍ଭରୁ ଗୋ-ସଂପଦକୁ ବିଭିନ୍ନ ମାରାତ୍ମକ ସଂକ୍ରାମକ ରୋଗ କବଳରୁ ସୁରକ୍ଷା ପ୍ରଦାନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଫାଟୁଆ ଟୀକା, ଗଳାଫୁଲା ଟିକା, ବଚ୍ଛବଚିଆ ଟିକା ନିକଟସ୍ଥ ପଶୁଚିକିତ୍ସା କେନ୍ଦ୍ରର ସହାୟତାରେ ଦିଆ କରାଇ ନିଶ୍ଚିତ ହୁଅନ୍ତୁ । ନଚେତ୍ ଉକ୍ତ ରୋଗଗୁଡ଼ିକର ପ୍ରାଦୁର୍ଭାବ ଦେଖାଦେଲେ ଏହାର ଚିକିତ୍ସା ବ୍ୟୟବହୁଳ ହେବା ସହିତ ଗୋରୁଗାଈଙ୍କ ଜୀବନ ବିପନ୍ନ ହୋଇପାରେ । ମନେରଖନ୍ତୁ, ଗୋସଂପଦ ଏକ ଚଳନ୍ତି ସଂପଦ । ଏହାର ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ । ଏଥିରେ ଅବହେଳା କରନ୍ତୁ ନାହିଁ ।

**ଆଦର୍ଶ ଗୋପାଳନ ପାଇଁ ସୁଷମ ଖାଦ୍ୟ ପ୍ରଜନନ ପଦ୍ଧତି, ଉତ୍ତମ ପରିଚାଳନା ଓ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ**